ମଧ୍ୟପ୍ରଦେଶ ଟ୍ରାଏଥଲନ୍ ସଂଘ ଏହାର ସଚିବ ମାଧ୍ୟମରେ ଏବଂ ଅନ୍ୟମାନେ ଇତ୍ୟାଦି

*ବନାମ*

ଭାରତୀୟ ଟ୍ରାଏଥଲନ୍ ମହାସଙ୍ଘ ଏବଂ ଅନ୍ୟମାନେ ଇତ୍ୟାଦି

ନଭେମ୍ବର 8,1996

[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*କ୍ରୀଡ଼ା :*

*ଭାରତୀୟ ଅଲିମ୍ପିକ୍ ସଂଘ ନିୟମାବଳୀ :*

*ନିୟମ XIX – ଭାରତୀୟ ଅଲିମ୍ପିକ୍ ସଂଘ ସହିତ ସହବଦ୍ଧ ଜାତୀୟ କ୍ରୀଡ଼ା ମହାସଂଘ/ସଂଘ/ରାଜ୍ୟ ଅଲିମ୍ପିକ୍ ସଂଘର ବିବାଦ – ଏହି ନ୍ୟାୟାଳୟଙ୍କ ସମ୍ମୁଖରେ ପକ୍ଷମାନେ ନିୟମ XIX ଅନୁସାରେ ସେମାନଙ୍କର ବିବାଦ ସମାଧାନ କରିବାକୁ ରାଜି ହୋଇଥିଲେ – ଦର୍ଶାଯାଇଛି, ଭାରତୀୟ ଅଲିମ୍ପିକ୍ ସଂଘ 29.11.1995 ତାରିଖରେ ଏହାର ବାର୍ଷିକ ସାଧାରଣ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ ଦୃଷ୍ଟିରେ ରଖି, ଆଇଓଏର ସଭାପତିଙ୍କୁ ନିୟମ XIX ରେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରିବାକୁ ଏବଂ ଏହାର ସର୍ତ୍ତାବଳୀ ଅନୁଯାୟୀ ଏକ ମଧ୍ୟସ୍ଥତା ମଣ୍ଡଳକୁ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।*

ଦେୱାନୀ ମୂଳ କ୍ଷେତ୍ରାଧିକାର : ସ୍ଥାନାନ୍ତର ଆବେଦନ (ସି) ସଂଖ୍ୟା 239-252/1996 ଇତ୍ୟାଦି ।

ଦେୱାନୀ ପ୍ରକ୍ରିୟା ସଂହିତାର ଧାରା 25 ଅଧୀନରେ ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ଆର୍.କେ. ଜୈନ, କପିଲ ସିବଲ, ସି.ଏସ୍. ବୈଦ୍ୟନାଥନ, ଏମ୍.ଏନ୍. କୃଷ୍ଣମଣି, ଆର୍.ପି. ଭଟ୍ଟ, ମନୋଜ ଗୋୟଲ, ସୁଶ୍ରୀ ଆଭା ଆର୍. ଶର୍ମା, ବ୍ରିଜ ଭୂଷଣ, ରଞ୍ଜିତ କୁମାର, ସୁଶ୍ରୀ ଅନୁ ମୋହଲା, ଆର୍.ଏସ୍. ମାସେ, ଏସ୍.ଏ. ସୟଦ, ପଙ୍କଜ କାଲରା, ରାକେଶ ଖାନ୍ନା, ବିନୀତ କୁମାର, ମନୋଜ ସାକ୍ସେନା, ଇରଶାଦ ଅହମ୍ମଦ, ଟି.ରାଜା ଏବଂ ଅଶୋକ ମାଥୁର ଉପସ୍ଥିତ ଥିଲେ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଏହା ଦୁର୍ଭାଗ୍ୟଜନକ ଏବଂ ଆମେ ଅନୁଭବ କରୁଛୁ ଯେ, ପ୍ରତ୍ୟେକ ଭାରତୀୟ ନାଗରିକ ଏହି କଥା ପାଇଁ ଲଜ୍ଜିତ ଅନୁଭବ କରିବେ ଯେ, ଆଟଲାଣ୍ଟାରେ ଅନୁଷ୍ଠିତ 1996 ଅଲିମ୍ପିକ୍ କ୍ରିଡାରେ 94 କୋଟିର ବିଶାଳ ଜନସଂଖ୍ୟା ମଧ୍ୟରୁ ଜଣେ କ୍ରୀଡ଼ାବିତ୍ ମଧ୍ୟ ବିଜୟୀ ସ୍ଥାନ ହାସଲ କରିପାରିନଥିଲେ । ଏହା ପରିବର୍ତ୍ତେ, ଏହି ସମସ୍ତ ସଂଘ ଟ୍ରାକ ଏବଂ ଖେଳ ପଡ଼ିଆରେ କ୍ରୀଡ଼ାର ଉତ୍ସାହ ଅନ୍ତର୍ନିର୍ବିଷ୍ଟ କରିବା ପରିବର୍ତ୍ତେ ନ୍ୟାୟିକ କାର୍ଯ୍ୟବିଧିରେ ବ୍ୟସ୍ତ ଏବଂ ମକଦ୍ଦମାରେ ନିଜର ଅର୍ଥ ଖର୍ଚ୍ଚ କରୁଛନ୍ତି । ଏହି ମାମଲାଗୁଡ଼ିକ ଅତ୍ୟନ୍ତ ଶୋଚନୀୟ ସ୍ଥିତିର କିଛି ଉଦାହରଣ । କିନ୍ତୁ, ଏହା ଉଲ୍ଲେଖ କରିବାକୁ ଖୁସି ଅନୁଭବ ହେଉଛି ଯେ, ଭାରତୀୟ ଅଲିମ୍ପିକ୍ ସଂଘ ନିୟମାବଳୀର ନିୟମ XIX ଅନୁସାରେ ବିବାଦର ସମାଧାନ ପାଇଁ ସେମାନେ ସମସ୍ତେ ସହମତ ହୋଇଛନ୍ତି, ଯାହା ନିମ୍ନଲିଖିତ ଭାବରେ ପଢାଯାଏ :

ଏମ୍.ପି. ଟ୍ରାଇଆଥ୍ଲନ୍ ସଂଘ ବନାମ ଭାରତୀୟ ଟ୍ରାଇଆଥ୍ଲନ୍ ମହାସଙ୍ଘ

*"ଜାତୀୟ କ୍ରୀଡ଼ା ମହାସଂଘ/ରାଜ୍ୟ ଅଲିମ୍ପିକ୍ ସଂଘଗୁଡ଼ିକ ମଧ୍ୟରେ ବିବାଦ/ମତଭେଦର ସମାଧାନ ।*

(i) ଆଇ.ଓ.ଏ.ସହିତ ସହବଦ୍ଧ ସମସ୍ତ ଜାତୀୟ କ୍ରୀଡ଼ା ମହାସଂଘ/ସଂଘ/ରାଜ୍ୟ ଅଲିମ୍ପିକ୍ ସଂଘ ସେମାନଙ୍କ ସମ୍ବିଧାନରେ ଏକ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବେ ଯେ, ମହାସଂଘ/ସଂଘଗୁଡ଼ିକ ସମସ୍ତ ଅମୀମାଂସିତ ବିବାଦର ଆଇ.ଓ.ଏ.ଙ୍କ ଦ୍ୱାରା ସମାଧାନ ସମାଧାନ କରିବେ ଏବଂ ସେମାନଙ୍କ ସଦସ୍ୟମାନେ ସ୍ୱେଚ୍ଛାକୃତ ଭାବରେ କୌଣସି ନ୍ୟାୟାଳୟରେ ପ୍ରତିକାର ପାଇବାର ସେମାନଙ୍କର ଅଧିକାରକୁ ପରିତ୍ୟାଗ କରିବେ ।

(ii) ପ୍ରତ୍ୟେକ ସଦସ୍ୟ ଆଇଓଏର ସଦସ୍ୟତା ଜାରି ରଖିବେ ବୋଲି ଏହି ନିର୍ଦ୍ଦିଷ୍ଟ ସର୍ତ୍ତରେ ବିବେଚନା କରାଯିବ ଯେ, ସେ ସ୍ୱେଚ୍ଛାକୃତ ଭାବରେ କୌଣସି ନ୍ୟାୟାଳୟରେ ପ୍ରତିକାର ପାଇବାର ଅଧିକାରକୁ ତ୍ୟାଗ କରିବେ ।

(iii) ଆଇଓଏ ସହିତ ସହବନ୍ଧ ଜାତୀୟ କ୍ରୀଡ଼ା ମହାସଂଘ/ସଂଘ/ରାଜ୍ୟ ଅଲିମ୍ପିକ୍ ସଂଘ ମଧ୍ୟରେ ଉପୁଜିଥିବା ସମସ୍ତ ଅମୀମାଂସିତ ବିବାଦକୁ ଆଇଓଏ ଦ୍ୱାରା ସମାଧାନ ପାଇଁ ମହାସଂଘ/ସଂଘଗୁଡିକ ଦ୍ୱାରା ଆଇଓଏକୁ ପଠାଯିବ । ଏହି ଉଦ୍ଦେଶ୍ୟରେ, ଆଇଓଏ କାର୍ଯ୍ୟ ନିର୍ବାହୀ ପରିଷଦ, ଆଇଓଏର ସଭାପତିଙ୍କ ସୁପାରିଶ କ୍ରମେ, ବିବାଦ କରୁଥିବା ପକ୍ଷମାନଙ୍କୁ ୨ଟି ନାମ ସୁପାରିଶ କରିବ, ଯେଉଁଥିରୁ ଆଇଓଏଙ୍କର ସଭାପତିଙ୍କ ସହ ପରାମର୍ଶ କରି, ଗୋଟିଏ ନାମ ଚୟନ କରିବେ, ଯାହା ଉଭୟ ପକ୍ଷଙ୍କ ପାଇଁ ଗ୍ରହଣୀୟ ହେବ । ଆଇଓଏ କାର୍ଯ୍ୟନିର୍ବାହୀ ପରିଷଦଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ମଧ୍ୟସ୍ଥତା କାର୍ଯ୍ୟବିଧି ସମାପ୍ତ ହେବ । ମାମଲାର ପରିସ୍ଥିତି ଆଧାରରେ ଆଇଓଏର ସଭାପତିଙ୍କ ଆଇଓଏଙ୍କ ପାଖରେ ଏହି ଅବଧିକୁ ବୃଦ୍ଧି କରିବା କିମ୍ବା ପରିବର୍ତ୍ତନ କରିବାର ଅଧିକାର ରହିଛି ।

(iv) ଆଇଓଏଙ୍କର ଏକ ସହବନ୍ଧନ ଏକକ ମଧ୍ୟରେ ଏକ ଅମୀମାଂସିତ ବିବାଦ କ୍ଷେତ୍ରରେ, ଯାହା ଜଣେ ସଦସ୍ୟଙ୍କ ଦ୍ୱାରା ଆଇଓଏକୁ ପଠାଯାଏ ଏବଂ ଯାହା ଏକକର ସାଧାରଣ କାର୍ଯ୍ୟକୁ ପ୍ରଭାବିତ କରେ, କିମ୍ବା ଆନ୍ତର୍ଜାତୀୟ ପ୍ରତିନିଧିତ୍ୱ/ପ୍ରତିଯୋଗିତା ଉଦ୍ଦେଶ୍ୟରେ ଏକକ ଦାୟିତ୍ୱରେ ଥିବା କ୍ରୀଡ଼ା/ଦଳର ପ୍ରସ୍ତୁତି ଏବଂ ତାଲିମରେ ବାଧା ସୃଷ୍ଟି କରେ, ତେବେ ଆଇଓଏ କାର୍ଯ୍ୟନିର୍ବାହୀ ପରିଷଦ,ଏକକ ମଧ୍ୟରେ ବିବାଦର ସମାଧାନ ନହେବା ପର୍ଯ୍ୟନ୍ତ ସାଧାରଣ ପରିଷଦର ସଦସ୍ୟମାନଙ୍କ ମଧ୍ୟରୁ ଆବଶ୍ୟକ ଅନୁସାରେ ଏକ କାମଚଳା ସଂସ୍ଥା ଗଠନ କରିବ ।

(v) ଜାତୀୟ କ୍ରୀଡ଼ା ମହାସଂଘ/ସଂଘ ଏବଂ ଆଇଓଏ ମଧ୍ୟରେ କିମ୍ବା ଆଇଓଏର ନିଜସ୍ୱ ମଧ୍ୟରେ ଥିବା ସମସ୍ତ ବିବାଦ ଉପରେ (iii) ରେ ନିର୍ଦ୍ଧାରିତ ଶୈଳୀରେ କାର୍ଯ୍ୟକ୍ରମ କରାଯିବ ।

ଏହାକୁ ଆଗକୁ ବଢ଼ାଇବା ପାଇଁ 1995 ମସିହା ନଭେମ୍ବର 29 ତାରିଖରେ ଅନୁଷ୍ଠିତ ଆଇଓଏର ବାର୍ଷିକ ସାଧାରଣ ପରିଷଦ ବୈଠକରେ ନିମ୍ନଲିଖିତ ନିଷ୍ପତ୍ତି ନିଆଯାଇଥିଲା :

*"ମହାସଂଘ/ଅଲିମ୍ପିକ୍ ସଂଘରେ ବିବାଦ ।*

ଭାରତୀୟ ଟ୍ରାଏଥଲନ୍ ମହାସଙ୍ଘ, ଉତ୍ତର ପ୍ରଦେଶ ଅଲିମ୍ପିକ୍ ସଂଘ ଏବଂ ଜାମ୍ମୁ କାଶ୍ମୀର ଅଲିମ୍ପିକ୍ ସଂଘ ମଧ୍ୟରେ ବିବାଦ ବିଷୟରେ ଡକ୍ଟର ବି.ଶିବନ୍ତୀ ଆଦିତ୍ୟନ୍ ଉଲ୍ଲେଖ କରିଛନ୍ତି ଯେ, ସେ ଦୁଇ କିମ୍ବା ତିନି ଜଣିଆ ସଦସ୍ୟ ବିଶିଷ୍ଟ ସମିତି ନିଯୁକ୍ତ କରିବେ, ଯାହାକୁ ଆଇଓଏର ପରବର୍ତ୍ତୀ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ପୂର୍ବରୁ ଏହାର ବିବୃତି ଉପସ୍ଥାପନ କରିବାକୁ ଅନୁରୋଧ କରାଯିବ ।

*ନିଷ୍ପତ୍ତି :*

ଆଇଓଏର ସଭାପତି, ବିବାଦର ସମସ୍ତ ଦିଗକୁ ଅନୁଧ୍ୟାନ କରିବା ଏବଂ କାର୍ଯ୍ୟନିର୍ବାହୀ ପରିଷଦ, ଆଇଓଏର ବିଚାର ପାଇଁ ଏହାର ସୁପାରିଶ ଉପସ୍ଥାପନ କରିବା ପାଇଁ ଦୁଇ କିମ୍ବା ତିନି ଜଣିଆ ସଦସ୍ୟ ବିଶିଷ୍ଟ ସମିତି ଗଠନ କରିବେ ।

ଉପରୋକ୍ତ ନିଷ୍ପତ୍ତିକୁ ଦୃଷ୍ଟିରେ ରଖି, ଆମେ ଆଇଓଏର ଅଧ୍ୟକ୍ଷଙ୍କୁ ପୂର୍ବରୁ ଏଠାରେ ଉଲ୍ଲେଖ କରାଯାଇଥିବା ନିୟମ XIX ରେ ବିଶେଷ କରି ଖଣ୍ଡ (i), (ii) ଏବଂ (iii) ରେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁସରଣ କରିବାକୁ ଏବଂ ଏହାର ସର୍ତ୍ତାବଳୀ ଅନୁଯାୟୀ ଏକ ମଧ୍ୟସ୍ଥତା ମଣ୍ଡଳ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଉଛୁ ।

ତଦନୁସାରେ, ସ୍ଥାନାନ୍ତର ଆବେଦନଗୁଡ଼ିକ ପରିସମାପ୍ତି କରାଗଲା । ସମସ୍ତ ମକଦ୍ଦମା ମଧ୍ୟସ୍ଥତା ମଣ୍ଡଳୀକୁ ସ୍ଥାନାନ୍ତରିତ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

4.11.1996 ତାରିଖରେ ଆମ ଦ୍ୱାରା ପାରିତ ଆଦେଶକୁ ଦୃଷ୍ଟିରେ ରଖି, ବିଜ୍ଞ ଅଧିବକ୍ତା, ଶ୍ରୀଯୁକ୍ତ ରଞ୍ଜିତ କୁମାର ସମସ୍ତ ଉତ୍ତରଦାତାଙ୍କ ପାଇଁ ଉପସ୍ଥିତ ହୋଇଛନ୍ତି, ଯଦିଓ ସେ ଉଲ୍ଲେଖ କରିଛନ୍ତି ଯେ, ସେ ସେମାନଙ୍କ ମଧ୍ୟରୁ କାହାଠାରୁ କୌଣସି ନିର୍ଦ୍ଦେଶ ପାଇ ନାହାଁନ୍ତି । ସେ କେବଳ ଏହି ନ୍ୟାୟାଳୟଙ୍କର ନିର୍ଦ୍ଦେଶରେ କାର୍ଯ୍ୟ କରିଥିଲେ ।

ଆର୍.ପି. ଆବେଦନକୁ ପରିସମାପ୍ତି କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ। "

ଅନୁବାଦିକା : ସସ୍ମିତା ନାଏକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ